# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 August – 2025

**********************************

## ମୁଖ୍ୟ ସମ୍ବାଦ

- ସିଏମ୍ କିଶାନ ଯୋଜନାରେ ରାଜ୍ୟର ୫୨ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି - କହିଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱରଠାରେ ଆସନ୍ତା ଶୁକ୍ରବାର ଦିନ ଆରମ୍ଭ ହେବ ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତି ଅଧ୍ୟକ୍ଷଙ୍କ ଦୁଇଦିନିଆ ସମ୍ମିଳନୀ
- ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ଶକ୍ତିପୀଠ ଗୁଡ଼ିକରେ ନବାନ୍ନଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ।

ଏବଂ

- ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରାଜ୍ୟରେ ପାଳନ କରାଯାଉଛି ଗଣେଶ ଚତୁର୍ଥୀ

# ସି.ଏମ୍. କିଷାନ୍

ସିଏମ୍ କିଷାନ ଯୋଜନାର ତୃତୀୟ କିସ୍ତି ସହାୟତାରାଶି ପ୍ରଦାନ ଦ୍ୱାରା ରାଜ୍ୟର ୫୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ରାଜ୍ୟରେ କୃଷକଙ୍କ ଆୟବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ପ୍ରଦାନ କରି କହିଛନ୍ତି, ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ସହ ଜଡିତ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳନ ପରିପ୍ରେକ୍ଷୀରେ  ଆଜି ସିଏମ୍-କିଷାନ ହିତାଧିକାରୀଙ୍କୁ ତୃତୀୟ କିସ୍ତି ସହାୟତାରାଶି  ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି ସରକାରଙ୍କର ଏହି ପଦକ୍ଷେପ ସ୍ୱରୂପ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର - ଡି.ବି.ଟି. ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକ ସମୃଦ୍ଧ ହେଲେ ରାଜ୍ୟ ବିକଶିତ ଓ ଆତ୍ମନିର୍ଭରଶୀଳ ହୋଇପାରିବ। ବର୍ତ୍ତମାନସୁଦ୍ଧା କୃଷକ ସମୃଦ୍ଧି ଯୋଜନାରେ ୨୯ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବାବେଳେ ଏହାର ଅବଧିକୁ ଆହୁରି ବଢ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରୀ ଯୋଜନାରେ ସାମିଲ ହେବାକୁ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ସମ୍ବଲପୁର ତପସ୍ୱୀନି ହଲ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ ୯୦ହଜାର

୯୭୦ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ  ଓ ୮୨୫ଜଣ ଭୂମିହୀନ ଚାଷୀଙ୍କୁ ସିଏମ୍ କିଶାନ ସହାୟତା ବଣ୍ଟନ କରିଛନ୍ତି ।

ବରଗଡର ବିଜୁପଟ୍ଟନାୟକ ଟାଉନ୍‌ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବରଗଡ, ଭଟ୍‌ଲୀ, ଅତାବିରା ବିଧାୟକଙ୍କ ଉପସ୍ଥିତିରେ ସିଏମ୍ କିଶାନର ତୃତୀୟ କିସ୍ତୀ ବଣ୍ଟନ ସମାରୋହରେ ସାମିଲ ହୋଇଥିଲେ । ଜିଲ୍ଲାର ୫ଜଣ ଅଗ୍ରଣୀ ଚାଷୀଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି...

**- V/O -**

ଢେଙ୍କାନାଳର ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲ୍‌ଠାରେ  ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ୧ଲକ୍ଷ ୬୧ହଜାର ୬୩୨ଜଣ କୃଷକ ପରିବାର ଉପକୃତ ହେବେ ବୋଲି କହିଛନ୍ତି । ଏହି ସହାୟତା ରାଶି ରାଜ୍ୟର ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ପାତ୍ର କହିଛନ୍ତି ।

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍‌ଠାରେ ଜିଲ୍ଲାସ୍ତରୀୟ ସିଏମ୍ କିଶାନ ପ୍ରଦାନ ଉତ୍ସବରେ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇଥିଲେ ।

କଟକ ଜିଲ୍ଲା ଜଗତପୁରସ୍ଥିତ କୃଷକ ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ୨ଲକ୍ଷ ୪୫ହଜାର ୧୬୭ଜଣ କ୍ଷୁଦ୍ର ନାମମାତ୍ର ଚାଷୀଙ୍କୁ ଅଣଚାଶ କୋଟିରୁ ଅଧିକ

ଟଙ୍କା ପ୍ରଦାନ କରାଯାଇଛି । ଏଥିସହ ୧୧ଶହ ୭୨ଜଣ ଭୂମିହୀନ ହିତାଧିକାରୀଙ୍କୁ ୨୩ଲକ୍ଷ ୪୪ହଜାର ଟଙ୍କା ପ୍ରଦାନ କରାଯାଇଛି ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଆୟୋଜିତ ସିଏମ୍ କିଶାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ୬୫ହଜାର ୯୦୫ଜଣ ଚାଷୀଙ୍କୁ ୧୩କୋଟି ୧୯ଲକ୍ଷ ୨ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରିଛନ୍ତି ।

ଦେବଗଡ ଜିଲ୍ଲାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୪୬ହଜାର ୬୮୮ଜଣ ଚାଷୀଙ୍କୁ ସିଏମ୍ କିଶାନ ତୃତୀୟ କିସ୍ତି ସହାୟତା ରାଶି ପ୍ରଦାନ କରାଯାଇଛି ।

ନୟାଗଡ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାସ୍ତରୀୟ ସିଏମ୍ କିଶାନ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇଥିଲେ । ଜିଲ୍ଲାର ୧ଲକ୍ଷ ୩୦ହଜାର ୭୪ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୧ଶହ ୯୯ଜଣ ଭୂମିହୀନ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି ।

କୋରାପୁଟ ଜିଲ୍ଲାର ୧ଲକ୍ଷ ୩୩ହଜାର ୭୧୭ଜଣ ଚାଷୀଙ୍କୁ ସିଏମ୍ କିଶାନ ସହାୟତା ରାଶି ପ୍ରଦାନ କରାଯାଇଛି । କୋରାପୁଟ ବିଧାୟକ ରଘୁରାମ ମାଛ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଗଞ୍ଜାମ ଜିଲ୍ଲାର ୩ଲକ୍ଷ ୧୯ହଜାର ୪୪୯ଜଣ ଚାଷୀଙ୍କ ଖାତାକୁ ସିଏମ୍ କିଶାନ ସହାୟତା ରାଶି ପ୍ରଦାନ କରାଯାଇଛି । ଛତ୍ରପୁରସ୍ଥିତ ଜିଲ୍ଲାପରିଷଦ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ

ହରିଚନ୍ଦନ ଯୋଗଦେଇ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ ।

ଭଦ୍ରକ ଜିଲ୍ଲା ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ୨ଲକ୍ଷ ଅଣଚାଳିଶ ହଜାର ୨୩୫ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି ।

## ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ଉପରେ ଗଠିତ ବିଭିନ୍ନ ସମିତିର ଅଧ୍ୟକ୍ଷଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆସନ୍ତା ଶୁକ୍ରବାର ଦିନ ଭୁବନେଶ୍ୱରଠାରେ ଆରମ୍ଭ ହେବ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିବେ। ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। ‘ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା’ ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତୀକରଣ ଲକ୍ଷ୍ୟନେଇ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା,

ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ କାର୍ଯ୍ୟକାରୀ ହୋଇଥିବା ସର୍ବୋତ୍ତମ ବ୍ୟବସ୍ଥା ନେଇ ଏହି ସମ୍ମିଳନୀରେ ମତ ବିନିମୟ ହେବ। ୨୦୪୭ ବିକଶିତ ଭାରତ ସ୍ୱପ୍ନ ହାସଲ ପାଇଁ କଲ୍ୟାଣକାରୀ ନୀତିଗୁଡ଼ିକର କାର୍ଯ୍ୟକାରିତାର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ଏହି କମିଟିଗୁଡ଼ିକର ଭୂମିକା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ପ୍ରଥମଥର ପାଇଁ ଏହି ସମ୍ମିଳନୀ ଦିଲ୍ଲୀ ବାହାରେ ଆୟୋଜିତ ହେବ।

## ନୂଆଖାଇ

ଗଣପର୍ବ ନୂଆଖାଇପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ନବାନ୍ନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହେବ । ଏହାପରେ ମା'ଙ୍କ ମନ୍ଦିରକୁ ଯାଇ ଭକ୍ତମାନେ ଦର୍ଶନ କରିବାର ପରମ୍ପରା ରହିଛି । ଏ ସମ୍ପର୍କରେ ଏକ ରିପୋର୍ଟ...

**- V/O -**

ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଲାଗି ହେବା ପରେ ପରିବାରର ସଦସ୍ୟମାନେ ନବାନ୍ନ ଖାଇଥା'ନ୍ତି । ପଶ୍ଚିମ ଓଡ଼ିଶାର

ଶକ୍ତିପୀଠଗୁଡ଼ିକ ମଧ୍ୟରେ ସମ୍ବଲପୁରର ମା’ ସମଲେଶ୍ୱରୀ, କଳାହାଣ୍ଡିର ମା’ ମାଣିକେଶ୍ୱର, ଜୁନାଗଡ଼ର ମା’ ଲଙ୍କେଶ୍ୱରୀ, ବଲାଙ୍ଗିର ଓ ପାଟଣାଗଡ଼ର ମା’ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ମା’ ସୁରେଶ୍ୱରୀ ଏବଂ ଅନ୍ୟ ଇଷ୍ଟଦେବୀଙ୍କ ନିକଟରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନବାନ୍ନ ଲାଗି ହୋଇଥାଏ । ନୂଆଖାଇ ପର୍ବ  ପଶ୍ଚିମ ଓଡ଼ିଶାର ଲୋକମାନଙ୍କର ଏକ ସାଂସ୍କୃତିକ ଜୀବନଶୈଳୀ । ପଶ୍ଚିମ ଓଡ଼ିଶାର କଳାସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳଣ ସହିତ ନୂଆଖାଇ ପର୍ବ ଜଡ଼ିତ । ବିଭିନ୍ନ ସ୍ଥାନରେ ନବାନ୍ନ ଭକ୍ଷଣ ପରେ ସାତ-ଆଠ ଦିନ ପରେ ମଧ୍ୟ ସାଂସ୍କୃତିକ ଦଳ ଓ ମୁଖ୍ୟମାନଙ୍କୁ ନେଇ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟ ବାହାରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ଲୋକ ଏବଂ ପ୍ରବାସୀ ଭାରତୀୟମାନେ ମଧ୍ୟ ନୂଆଖାଇ ଭେଟ୍‌ଘାଟ ଆୟୋଜନ କରିଥା’ନ୍ତି ।

ନୂଆଖାଇ କେବଳ ଏକ ପର୍ବ ନୁହେଁ, ବରଂ ଏହା ପଶ୍ଚିମ ଓଡ଼ିଶାର ଲୋକମାନଙ୍କର ଏକ ସାଂସ୍କୃତିକ ଜୀବନଶୈଳୀ । ସମସ୍ତ ଗ୍ରାମ ଓ ସହରରେ ନୂଆଖାଇ ଉତ୍ସବ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ସମ୍ବଲପୁର ସମେତ ବରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ନୂଆଖାଇ ଉତ୍ସବପାଇଁ ଆବଶ୍ୟକ ସରଞ୍ଜାମ କିଣିବାପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି ।

*ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସୁକନ୍ୟା ଜେନା ।*

## ଧର୍ମେନ୍ଦ୍ର ପ୍ରଧାନ-ଗଣେଶପୂଜା

ପବିତ୍ର ଗଣେଶ ପୂଜା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳ ଜିଲ୍ଲା କଣିହାଁସ୍ଥିତ ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ସହିତ ଅନେକ ସ୍ଥାନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହି ବିଦ୍ୟାଳୟରେ ୫ କୋଟି ୮ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାବ୍ୟତୀତ  କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟିକିରା ନଦୀ ବ୍ରିଜ୍‌କୁ ଉଦ୍‌ଘାଟନ କରିଥିଲେ ।

## ଗଣେଶ ଚତୁର୍ଥୀ

ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଆଜି ଧରାପୃଷ୍ଠକୁ ବିଘ୍ନ ବିନାଶକ ମହାବିନାୟକ ବିରାଜମାନ କରିଛନ୍ତି। ମଧ୍ୟାହ୍ନ ସମୟରେ ବକ୍ରତୁଣ୍ଡଙ୍କୁ ଆବାହନ କରିବା ବିଧି ଥିବାରୁ ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଗଣେଶ ଚତୁର୍ଥୀ ପୂଜା ଅନୁଷ୍ଠିତ ହୋଇଛି । ଅଗ୍ରପୂଜ୍ୟ ବକ୍ରତୁଣ୍ଡ ଏବଂ ଗଣମାନଙ୍କର ସେନାପତିଙ୍କୁ ଆରାଧନା କରି କୌଣସି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କଲେ ତାହା ବିନା ବାଧାବିଘ୍ନରେ ସୁଚାରୁରୂପେ ସମ୍ପାଦିତ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି।

ପୁରୀ ଶ୍ରୀମନ୍ଦିର ବଟଗଣେଶଙ୍କଠାରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ରାଜ୍ୟର ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ, ସାମାଜିକ ପ୍ରତିଷ୍ଠାନ,

ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ କ୍ଲବ ଘରଗୁଡ଼ିକ ପକ୍ଷରୁ ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

କୋରାପୁଟ ଜିଲ୍ଲାରେ ଶତାଧିକ ପୂଜା ମଣ୍ଡପରେ ଆନନ୍ଦ ଉଲ୍ଲାସର ସହିତ ଗଣେଶ ପୂଜା ଅନୁଷ୍ଠିତ ହୋଇଛି ।

ଦେବଗଡ ଜିଲ୍ଲାର ପ୍ରସିଦ୍ଧ ଗଣେଶ ପୂଜା ମେଳା ଆଜିଠାରୁ ଆରମ୍ଭ ହୋଇଛି । ପ୍ରଧାନପାଟସ୍ଥିତ ପ୍ରଧାନ ପାଟେଶ୍ୱରୀ ପୀଠରେ ପୂଜାର୍ଚ୍ଚନା ପରେ ପ୍ରଧାନପାଟ ଜଳପ୍ରପାତରୁ ଜଳ ନିଆଯାଇ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା ।

## ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରିବା ଯୋଗୁଁ ରାଜ୍ୟରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ମଧ୍ୟମରୁ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଓ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି ।